



## ଉତ୍କଳ ସାହିତ୍ୟ ସମାଜର ଭାଷା-ସାହିତ୍ୟ ଚର୍ଚ୍ଚା



**କଟକ, ୧୦।୨(ସମିସ):** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶନିବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ, କଟକଠାରେ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଆଲୋଚକ ଭାବରେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ସାହୁ 'ଆତ୍ମଜୀବନୀର ଆତ୍ମକଥା' ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଉତ୍ସବରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଆଲୋଚନାର ସମ୍ପାଦକ ସରୋଜିନୀ ମିଶ୍ର। କୋଷାଧ୍ୟକ୍ଷ ଶିବାଶିଷ କର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମୁରଲୀଧର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତରରେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ତପନ ସ୍ୱାଇଁ, ରାଧାଶ୍ୟାମ ରାଉଳଙ୍କ ସମେତ ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ଉମାଶଙ୍କର ମିଶ୍ର, ଡ. ଅକ୍ଷୟ କୁମାର ଭଦ୍ର ଓ ରାଜୀବ ଷଡ଼ଙ୍ଗୀ ଅଂଶଗ୍ରହଣ କରିଥିଲେ।

## କଟକ କଲେକ୍ଟରେଟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**କଟକ, ୧୦।୨(ସମିସ):** କଟକ କଲେକ୍ଟରେଟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିବ ଟୋପୋ ଯୋଗଦେଇ ସୁସ୍ଥ ଜୀବନଯାପନ ସହ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ ଏଭଳି ପ୍ରତିଯୋଗିତା ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମି ରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ସଭାପତି ସୁବ୍ରତ ମିଶ୍ର, ସମ୍ପାଦକ ଗୁରୁଗୋବିନ୍ଦ ଦଳାଇ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଷ୍ଟାଫ୍ କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ସ୍ୱାଗତିକା ମହାନ୍ତି, ସୁବ୍ରତ ସାହୁ, ମିଳନ ମଲ୍ଲିକ, ସୁରଜ୍ ଶେଖର ଦାସ, ନିଖିଲେଶ ପ୍ରଧାନ ଓ କ୍ରୀଡା ସମ୍ପାଦକ ଉଦୟଭାନୁ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡା ପ୍ରଶିକ୍ଷକ ଜଙ୍ଘ ରଞ୍ଜନ ଧଳ, ଜ୍ଞାନ ରଞ୍ଜନ ଦାସ, ଅଞ୍ଜଳି ଦାସ, ଅସୀମା ମହାପାତ୍ର ପରିଚାଳନା କରିଥିଲେ।

## ପୂର୍ବତନ ଉପନଗରପାଳ ଗଣେଶ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୧୦।୨(ସମିସ):** କଟକ ମ୍ୟୁନିସପାଲିଟିର ପୂର୍ବତନ ଉପନଗରପାଳ ସ୍ୱର୍ଗତ ଗଣେଶ ଚନ୍ଦ୍ର ସାହୁଙ୍କ ବିୟୋଗରେ ଆଜି ଚୌଧୁରୀବଜାର ସ୍ଥିତ ଟାଉନ ହଲ ଠାରେ କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ କଟକ ମହାନଗର ନିଗମ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଟକ ମେୟର ଶ୍ରୀ ସିଂହଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଡେପୁଟି ମେୟର ତଥା କଟକ ସହର ବିଜେଡି ସଭାପତି ମଧୁସୂଦନ ସାହୁ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ଏବଂ ଅନିତା ବେହେରା, ବିଜେଡି ଉପସଭାପତି ଧର୍ମେଶ ନାୟକ, ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ ସିଂ, ବିଜେଡି ସାଧାରଣ ସମ୍ପାଦକ ଅରିନ୍ଦମ ରାୟ, ଷ୍ଟାଣ୍ଡିଂ କମିଟି ଅଧକ୍ଷା ପ୍ରଳୟା ବେଉରା, କର୍ପୋରେଟର ଚୌଧୁରୀ ସୁବ୍ରତ ଘଡ଼ାଇ, ପ୍ରଦୀପ ସାହୁ, ବନଲତା ପ୍ରଧାନ, ଆରତୀ ସାହୁ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଭାରତୀ ଦାସ ଏବଂ ଗୌତମ ଦାସ, ଦ୍ୱିପାୟନ ପଟ୍ଟନାୟକ, ଚୌଧୁରୀ ବଜାର ପୂଜା କମିଟି ସଭାପତି ଦେବାଶିଷ ରାୟ, ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ଡ଼ ରବିରଞ୍ଜନ ସାହୁ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ଏବଂ ପ୍ରଦୀପ୍ତ ସିହ୍ନା, ପ୍ରଫୁଲ ବେହେରା, ସ୍ମିତା ମୂଳିଆ, ଦେବେନ୍ଦ୍ର କାହାଳୀ, ଚିତ୍ତ ରଞ୍ଜନ ପରିଡ଼ା, ପ୍ରମୋଦ ନାୟକ, ପ୍ରଦୀପ୍ତ ସାମନ୍ତରାୟ, ଶଶିଭୂଷଣ ମିଶ୍ର, ଶ୍ରାବଣ ମିର୍ଧା, ମନୋଜ ପଣ୍ଡା, ଜଗନ୍ନାଥ ସ୍ୱାଇଁ, ମିତାଲି ଭଞ୍ଜ, ଲୀଳାବତୀ ସାହୁ, ପ୍ରୀତିଲତା ପତି, ଏକ୍ରାମ ହୁସେନ, କାଶୀନାଥ ମଲିକ, ସକିଲ ଅଖତାର, ଜନ ଆଶିଷ ବରାଳ, ସୌମେନ୍ଦ୍ର ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ବିନୋଦ ପଣ୍ଡା, ସୟିଦ ଶେଖାୱତ୍ ଅଲି, ମିହିର ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଚାଲିଛି ବିବାହ ଋତୁ

# ନିୟମ ଲଂଘୁଛି ଶବ୍ଦ ପ୍ରଦୂଷଣ

କଟକ, ୧୦।୨(ସମିସ)

ଏବେ ଚାଲିଛି ବିବାହ ଋତୁ। ଆଉ ବାଜା, ବାଣ ରୋଷଣିରେ କମ୍ପୁଛି ବାହାଘର ଶୋଭାଯାତ୍ରା। ହେଲେ ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଦିନାକେତେ ଏହାକୁ କଡାକଡି ପାଳନ ପରେ ଏବେ ପୁଣି ନିୟମ ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ହେଉଛି।। ବିଶେଷ କରି ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ରହିଥିବା ଆଇନକୁ ମଧ୍ୟ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଇପାରୁ ନାହିଁ। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଜିଲ୍ଲାପାଳ, ଏସପି ତଥା ସବଡିଭିଜନାଲ ଅଫିସର ମାନଙ୍କୁ ମଧ୍ୟ କ୍ଷମତା ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ରାତି ୧୦ଟା ପରେ ବି ବିବାହ ଶୋଭାଯାତ୍ରା ସହରରେ ଚାଲୁଥିବା ଦେଖିବାକୁ ମିଳୁଛି। ପୂଜା ପାର୍ବଣରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପୁଲିସ ଯେପରି ତତ୍ପରତା ପ୍ରକାଶ କରୁଛି ବିବାହ ଶୋଭାଯାତ୍ରା ଗୁଡିକ ପାଇଁ ଦେଖିବାକୁ ମିଳୁନାହିଁ। ଏପରିକି ଡିଜେକୁ ବ୍ୟାନ କରାଯାଇଥିଲେ ମଧ୍ୟ ଏହା ଏବେ ଗ୍ରାମାଞ୍ଚଳ ମୁହାଁ ହୋଇଛି। ଶବ୍ଦ ନିୟନ୍ତ୍ରଣ ପାଇଁ ସାଉଣ୍ଡ ଲିମିଟର ଲଗାଇବା ବାଧ୍ୟତାମୂଳକ ଥିଲେ ମଧ୍ୟ ଏହାକୁ ଉଲ୍ଲଙ୍ଘନ କରାଯାଉଛି। ଯାହାଫଳରେ ଡିଜେ ସାଉଣ୍ଡରେ କାନ ଫାଟିପଡୁଛି। ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ମଧ୍ୟ ନିଆଯାଉନଥିବା ଦେଖିବାକୁ ମିଳୁଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କହିବାନୁସାରେ ସବୁ ଥାନା ମାନଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଶବ୍ଦ ମାପକ ଯନ୍ତ୍ର ଗୁଡିକ ଥାନା ମାନଙ୍କୁ ଦିଆଯାଇଥିଲେ ବି ଅନେକ ଜାଗାରେ ଏଗୁଡିକ ଅଚଳ ହୋଇରହିଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ବିଗତ ଦିନରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ବିବାହ ମହୋତ୍ସବରେ ଡିଜେ ସାଉଣ୍ଡ ସାଙ୍ଗକୁ ଉଚ୍ଚ ଶବ୍ଦସୃଷ୍ଟି କାରୀ ବାଣ ଫୁଟା ଯିବା ଦ୍ୱାରା ସର୍ବାଧିକ ପ୍ରଦୂଷଣ ହେଉଛି। ଡିଜେ ଗୁଡିକରୁ ୬୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଛି। ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ପକ୍ଷରୁ ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି ହୋଇଛି। ହେଲେ ଏସବୁକୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି।



**ସଠିକ ଢ଼ଙ୍ଗରେ କାର୍ଯ୍ୟକାରୀ ହେଉନି ଆଇନ**

## ନିରାମୟ ଉପଦେଷ୍ଟାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ



କଟକ, ୧୦।୨(ସମିସ)

ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ) ପରିଦର୍ଶନ କରିଛନ୍ତି। ରୋଗୀ ଓ ସମ୍ପର୍କୀୟ ଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଆମ ହସ୍ପିଟାଲ ଯୋଜନା ମାଧ୍ୟମରେ ସିଟି ହସ୍ପିଟାଲର ହୋଇଥିବା ରୂପାନ୍ତରଣ ବୁଲି ଦେଖିବା ସହ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ହସ୍ପିଟାଲ ଅଧକ୍ଷ ଡା. ସୁଧାଂଶୁ ଗିରିଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି। ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ଏହି ବିଷୟରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପରିଦର୍ଶନ ଅବସରରେ ଯୁବ ସମାଜସେବୀ ସୌମ୍ୟଦୀପ ଘୋଷ, ବିକ୍ରମ ଛାଟୋଇ, ସନ୍ଦୀପ ରଥ ଏବଂ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ୧୬ରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଶ୍ରମିକ କର୍ମଚାରୀଙ୍କ ମିଳିତ ସଂଗଠନର ଧର୍ମଘଟ

**କଟକ, ୧୦।୨(ସମିସ):** ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ କର୍ମଚାରୀ ସଂଗଠନମାନଙ୍କ ପକ୍ଷରୁ ଆସନ୍ତା ୧୬ ତାରିଖରେ ବିଭିନ୍ନ ଦାବିରେ ଦେଶବ୍ୟାପୀ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ରର ବିଜେପି ସରକାରର ଶ୍ରମିକ କର୍ମଚାରୀ, କୃଷକ ବିରୋଧୀ ନୀତି ଓ କାର୍ଯ୍ୟକ୍ରମ ବିରୋଧରେ ଏବଂ ଦେଶର ଗଣତନ୍ତ୍ର ସମ୍ବିଧାନ ଓ ଧର୍ମ ନିରପେକ୍ଷତାର ସୁରକ୍ଷା, ବିଦ୍ୟୁତ ବିଲ୍ ୨୦୨୨ର ବାତିଲ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ, ରେଳବାଇ, ବିମାନ ବନ୍ଦର ଓ ବନ୍ଦର, ରାଜପଥ ଇତ୍ୟାଦି ଜାତୀୟ ସମ୍ପତ୍ତିର ବିକ୍ରି ବନ୍ଦ, ଦର ବୃଦ୍ଧି ନିୟନ୍ତ୍ରଣ ଇତ୍ୟାଦି ପ୍ରମୁଖ ୧୬ ଦଫା ଦାବି ରହିଛି। କଟକରେ ଏହାକୁ ସଫଳ କରିବା ପାଇଁ ଶ୍ରମିକ କର୍ମଚାରୀ ସଂଗଠନମାନଙ୍କର ଏକ ମିଳିତ ବୈଠକ କିଶୋର ଜେନାଙ୍କ ସଭାପତିତ୍ୱରେ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ରବିନାରାୟଣ ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଲେଜ ଛକରୁ ଏକ ଶୋଭାଯାତ୍ରା ବାହାରି ଖାନନଗର ମଲାଚଣ୍ଡିଆ ଛକ ପର୍ଯ୍ୟନ୍ତ ଯିବ ଏବଂ ୧୬ ତାରିଖ ଦିନ କଚେରୀ ଗଡ଼ାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି। ବିନୋଦ ବେହେରା, ଚନ୍ଦ୍ରକାନ୍ତ ନାୟକ, ସାକିର ଖାନ, ରାଜକିଶୋର ମଲ୍ଲିକ, ସନ୍ତୋଷ ଭୋଳ, ଭଞ୍ଜ କିଶୋର ସ୍ୱାଇଁ, ନିହାର ସାମଲ, ବିଜୟ ବେହେରା, ରବୀନ୍ଦ୍ରନାଥ ଧଳ, ରାଜେଶ ସାହୁ, ଗୋଲକ ବିହାରୀ ମହାରାଜ, ମନୋଜ ରଥ ଓ ଦେବାଶିଷ ନାୟକ ଉପସ୍ଥିତ ଥିଲେ।

## ମଧୁପାଟଣା ପୂଜା କମିଟିର ନୂତନ କର୍ମକର୍ତ୍ତା



**କଟକ, ୧୦।୨(ସମିସ):** ମଧୁପାଟଣା ପୂଜା କମିଟିର ଏକ ସାଧାରଣ ସଭା ସ୍ଥାନୀୟ ମୁରବୀ ପ୍ରିୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶତାଧିକ ସ୍ଥାନୀୟ ବାସିନ୍ଦା ତଥା ଯୁବକମାନେ ଯୋଗଦାନ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା। ସଭାପତି ଭାବେ ବିଚିତ୍ରାନନ୍ଦ ରାଉତରାୟ, ଉପସଭାପତି ଭାବେ ଦୀପକ ଦାସ, ରବୀନ୍ଦ୍ର କୁମାର ପାତ୍ର, ଆଶୁତୋଷ ମିଶ୍ର, ସରୋଜ ରାୟ, ପରମାନନ୍ଦ ସେଠୀ ଓ ସାଧାରଣ ସମ୍ପାଦକ ଭାବେ ଅମରେନ୍ଦ୍ର ସିଂହ, ସଂଗଠନ ସମ୍ପାଦକ ଭାବେ ବିଜୟ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ସଞ୍ଜୟ ମଲ୍ଲିକ, କୋଷାଧକ୍ଷ ରାଜେନ୍ଦ୍ର ବେହେରା, ଉପକୋଷାଧକ୍ଷ ଭାବେ ଦିବ୍ୟରଞ୍ଜନ ସାହୁ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଯଶୋବନ୍ତ ଦେବତା, ଫକୀରମୋହନ ପଣ୍ଡା, ପ୍ରିୟବ୍ରତ ମିଶ୍ର, ସପନ ଦାସ, ରାଜକିଶୋର ଦାସ, ଲକ୍ଷ୍ମୀଧର ଦାସ, ଦେବେନ୍ଦ୍ରନାଥ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା, ରାଜକିଶୋର ରାଉତ, ତ୍ରିଲୋଚନ ସାହୁ, ସତ୍ୟଜିତ୍ ପଟ୍ଟନାୟକ, ଦୁଃଶାସନ ମଲ୍ଲିକ ଓ ବିଜୟ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

## ସାହି ମୁରବୀଙ୍କ ପରଲୋକ



**କଟକ, ୧୦।୨(ସମିସ):** ଯୋବ୍ରା ନୂଆସାହି ଗ୍ରାମ୍ୟ କମିଟିର ପୂର୍ବତନ ମହନ୍ତ ସମାଜସେବୀ ଅଲେଖ ଚନ୍ଦ୍ର ନାୟକ ଅଲୁଙ୍କ ହୃଦଘାତରେ ୫୫ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ମରଶରୀରକୁ ସାହି ପରିକ୍ରମା କରିବା ପରେ କାଳିଆବୁଦା ଶ୍ମଶାନରେ ସତ୍କାର କରାଯାଇଥିଲା। ଯୋବ୍ରା ନୂଆସାହି ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଯୋବ୍ରା ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସହରରେ କୃମିନାଶକ ଓ ବାତଜ୍ୱର ସମୂହ ଔଷଧ ସେବନର ଶୁଭାରମ୍ଭ

## ୧୦ ଦିନରେ ଔଷଧ ଖାଇବେ ୩ ଲକ୍ଷରୁ ଊର୍ଦ୍ଧ୍ୱ

କଟକ, ୧୦।୨(ସମିସ)

ଜାତୀୟ କୃମି ନାଶକ ଦିବସ ଓ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅବସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଶନିବାର ଖାନନଗରସ୍ଥିତ ମଞ୍ଜୁଲତା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି)ରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସିଏମସି ମେୟର ସୁବାସ ସିଂହ ଓ ଉପସ୍ଥିତ ଅତିଥିମାନେ ଔଷଧ ସେବନ କରି ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଫେବୃଆରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସମଗ୍ର ସହରରେ ବାତଜ୍ୱର ନିରାକରଣ ଓ କୃମିନାଶକ ଓଷଧ ବିତରଣ କରାଯିବ। ଅଙ୍ଗନବାଡି ଓ ଆଶାକର୍ମୀମାନେ ଘରକୁ ଘର ବୁଲି ଏହି ଔଷଧ ପ୍ରଦାନ କରିବେ। ଆଜିର କାର୍ଯ୍ୟକ୍ରମରେ ସିଏମସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। କଟକ ସହରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୧୦ ଦିନବ୍ୟାପି ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସଚେତନତା ରଥ ବାହାର କରାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓ କେନ୍ଦ୍ର ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକ୍ଷମ ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ରାଜ୍ୟ ପ୍ରତିନିଧି, ଏଡିୟୁପିଏଚଓ ଡା. କାନ୍ତି ନାୟକ, ସିଟି ପ୍ରୋଗ୍ରାମ ମ୍ୟାନେଜର(ଏନୟୁଏଚଏମ) ଏଲିନା ମହାପାତ୍ର, ମଞ୍ଜୁଲତା ୟୁପିଏଚସି ମେଡିକାଲ ଅଫିସର ଡା. ଅଭିଜିତ କର ପ୍ରମୁଖ ଉପସ୍ଥିତ ଥିଲେ।





REQUIREMENT
SIMILIPAL SCIENCE RESIDENTIAL HIGHER SECONDARY SCHOOL & SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman

ANIMESH FOOD PRODUCTS
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800

# କଟକ ସିଟି



## ମିନି ବାଲିଯାତ୍ରା ଓ ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳା-୨୦୨୪

# ବ୍ୟାଣ୍ଡ ବଜାଇଲା ବୀରତ୍ୱର ଗାଥା





କଟକ, ୧୦।୨(ସମିସ): କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚ ତଳେ ଦେଶାତ୍ମକବୋଧକ ସଙ୍ଗୀତ ଠାରୁ ଆରମ୍ଭ କରି ୯୦ଦଶକର ବଲିଉଡ୍ ହିଟ୍ ନମ୍ବର ସାଙ୍ଗକୁ ରଙ୍ଗବତୀ ଗୀତର ଧୂନ୍‌ରେ ଝୁମିଥିଲେ ଦର୍ଶକ। ଆଇଏନଏସ୍ ଚିଲିକା ପକ୍ଷରୁ ବ୍ୟାଣ୍ଡ ଧୂନ୍‌ର ତାଳେତାଳେ ଆରମ୍ଭ ହୋଇଥିଲା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମେ ଚିଲିକା ୱାରିୟର୍ସ ପକ୍ଷରୁ ଆରମ୍ଭ ହୋଇଥିଲା ମନ୍ତ୍ରମୁଗ୍ଧ ବ୍ୟାଣ୍ଡ। ମେରେ ସପନ୍‌କେ ରାନୀ କଭି ଆଏଗେ ତୁ ଓ ମେ ନିକଲା ଗାଡି ଲେକେ ଭଳି ବଲିଉଡ୍ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ବିଶେଷ କରି ଦେଶାତ୍ମକବୋଧ ସଙ୍ଗୀତ ଦର୍ଶକଙ୍କୁ କରିଥିଲା ମନ୍ତ୍ରମୁଗ୍ଧ। ଏହି ବ୍ୟାଣ୍ଡରେ ସାରେ ଯାହାଁସେ ଆଛା.. ହିନ୍ଦୁ ସିତା ହମାରା, କଦମ୍ କଦମ୍ ବଢ଼ାତେ ଚଲୋ, ଜୟହୋ, ଜୟଜୟ କାର୍ ଭଳି ସଙ୍ଗୀତ ପରିବେଷଣ କରୁଥିବା ବେଳେ ଦର୍ଶକଙ୍କ ମଧ୍ୟରେ ଗୁଞ୍ଜରିତ ହୋଇଥିଲା ବୀରତ୍ୱର ଭାବ। ସ୍ୱତନ୍ତ୍ର ଭାବେ ୧୯୭୦ଦଶକର ଏଭରଗ୍ରୀନ୍ ରଙ୍ଗବତୀ ଗୀତ ବାଜିଲା ବେଳେ ଦର୍ଶକଙ୍କ କରତାଳି ସୂଚାଇ ଦେଉଥିଲା ଆମେ ଓଡ଼ିଆ ବୋଲି। ସେହିପରି ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ କିଛି ସମୟଧରି ବାନ୍ଧି ରଖିଥିଲା।

ପୁଣି ବାଲିଯାତ୍ରା ଉପରପଡ଼ିଆରେ ମୁକ୍ତାକାଶ ବାଣିଜ୍ୟିକ ଭାବ ବିନିମୟ। ଶିଳ୍ପଦ୍ୟୋଗୀଙ୍କ ପ୍ରଶିକ୍ଷଣ ସାଙ୍ଗକୁ ବ୍ୟବସାୟିକ ଆଦାନପ୍ରଦାନ। ଶୀତୁଆ ସନ୍ଧ୍ୟାରେ ୬୦୦ବ୍ୟବସାୟୀ ଏକାଠି ହୋଇଛନ୍ତି ଗୋଟିଏ ପଡ଼ିଆରେ...ଯେଉଁଠି ନୌସେନାର ସ୍ୱତନ୍ତ୍ର ପ୍ରଦର୍ଶନୀ ସହିତ ଓଡ଼ିଶା ଶିଳ୍ପ ସଂଘର ଅନେକ କାର୍ଯ୍ୟକ୍ରମ ଚାଲିଛି। ଓଡ଼ିଶା ଶିଳ୍ପ ସଂଘ ଓ ନୌସେନା ଫାଉଣ୍ଡେସନ୍ ଓଡ଼ିଶା ଚାପ୍ଟରର ଏହି ପ୍ରୟାସ ତମାମ ଦର୍ଶକଙ୍କୁ ଯୋଡି ରଖିଛି। ଏହି ୩ଦିନିଆ ବାଣିଜ୍ୟ ମେଳାରେ କନ୍ଧମାଳର ହଳଦୀ ଠାରୁ ଆରମ୍ଭ କରି ସିଟିଡିସିର ଏରୋ ସ୍ପେଶ୍ କମ୍ପୋନେଟ୍ ପ୍ରଦର୍ଶନୀ ଓ ତା' ସହିତ ଓଡ଼ିଶାର ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଓ ମଥୁରା କେକ୍, ଲଙ୍କା ଚପ୍ ..ସବୁକିଛି ହାତ ପାଆନ୍ତାରେ ମିଳୁଛି

## ମଞ୍ଜା ଜୁସ୍ ଓ ଆଚାର ଚାହିଦା

ମାରିଟାଇମ୍ ଏକ୍ସପୋ'ରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ପୋଇଝରି ଅଞ୍ଚଳରୁ ଆସିଥିବା ମଞ୍ଜା ଜୁସ୍ ଷ୍ଟଲ୍‌ରେ ଗହଳି ଦେଖିବାକୁ ମିଳିଥିଲା। ମଞ୍ଜା ଆଚାର, ମଞ୍ଜା ପାମ୍ପଡ ଓ ମଞ୍ଜା ଜୁସ୍‌କୁ କିଣିବା ନିମନ୍ତେ ଲୋକମାନେ ଧାଡି ଲଗାଇଥିଲେ। ଔଷଧୀୟ ଖାଦ୍ୟ କେମିତି ସାମ୍ପ୍ରତିକ ଜୀବନଶୈଳି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ, ତାହା ଏହି ଷ୍ଟଲ୍‌ରୁ ଜଣାପଡ଼ିଥିଲା। ସୁନିଲ୍ କୁମାର ଜେନା ଏହି ମଞ୍ଜାରେ ପ୍ରସ୍ତୁତି ଖାଦ୍ୟ ଦ୍ରବ୍ୟ ଉପରେ କୁହନ୍ତି ଯେ, ଏହି ଆଚାର, ପାମ୍ପଡ ଓ ଜୁସ୍‌କୁ ଘରେ ୬ମାସ ପର୍ଯ୍ୟନ୍ତ ରଖାଯାଇ ପାରିବ। ସାଧାରଣ ଲୋକଙ୍କୁ ସୁହାଇଲା ଭଳି ଆଚାର ପ୍ୟାକେଟ୍ ଦର ୧୫୦ରୁ ୧୮୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ମଞ୍ଜା ପାମ୍ପଡର ମୂଲ୍ୟ ୫୦ଟଙ୍କା ରଖାଯାଇଛି। ଏଠାରେ ଆଜିର ଦ୍ୱିତୀୟ ଦିନରେ ଅଶାନୁରୂପ ବ୍ୟବସାୟ ହୋଇଥିବା ଜଣାପଡ଼ିଛି।



## ନାଭି ଷ୍ଟଲ୍‌ରେ ପ୍ରଶିକ୍ଷଣ

କଳିଙ୍ଗ ମାରିଟାଇମ୍ ଏକ୍ସପୋରେ ସ୍ଥାନ ପାଇଥିବା ନାଭି ଷ୍ଟଲ୍‌ରେ ଦର୍ଶକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଏଠାରେ ନାଭାଲ୍ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌ରେ ଯୁଦ୍ଧରେ ବ୍ୟବହୃତ ବୁଡ଼ା ଜାହାଜର ଅବିକଳ ନକଲ ରଖାଯାଇଛି। ଏଠାରେ ଉପସ୍ଥିତ ଥିବା ନାଭାଲ୍‌ର ସେନାମାନେ ଯୁଦ୍ଧର କଳାକୌଶଳ, ପ୍ରଦର୍ଶିତ ହେଉଥିବା ଯୁଦ୍ଧ ସାମଗ୍ରୀ ତଥା ଜାହାଜର କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ବୁଝାଉଛନ୍ତି। ବିଶେଷ କରି ଏହି ଷ୍ଟଲ୍‌ରେ ଯୁଦ୍ଧରେ ବ୍ୟବହୃତ ହେଉଥିବା ଜାହାଜ ଏବଂ ତା' ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଉଛି। ଦିଲ୍ଲୀ କ୍ଲାସ୍, କୋଲକାତା କ୍ଲାସ୍, କଳାଭରି କ୍ଲାସ୍, ପିବିଆଇ କ୍ଲାସ୍, କମୋର୍ଣ୍ଣା କ୍ଲାସ୍‌କୁ ଏହି ଷ୍ଟଲ୍‌ରେ ସ୍ଥାନ ଦିଆଯାଇଛି। ଦର୍ଶକମାନେ ଏସବୁ ଯୁଦ୍ଧ ଯାହାଜ ସମ୍ପର୍କରେ ବିଭିନ୍ନ ତଥ୍ୟ ଜାଣିବା ସହିତ ନାଭି ସେନାଙ୍କ ଠାରୁ ତଥ୍ୟ ପଚାରି ବୁଝୁଛନ୍ତି।





## 'ଚନ୍ଦ୍ରଯାନ-୩' ଉପକରଣ ପ୍ରଦର୍ଶିତ

କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ସିଟିଡିସି, ଭୁବନେଶ୍ୱର ପକ୍ଷରୁ ପ୍ରଦର୍ଶିତ ହେଉଛି ଏରୋ ସ୍ପେଶ୍ କମ୍ପୋନେଟ୍ ଟୁଲ୍ ଷ୍ଟଲ୍। ଏଠାରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଦର୍ଶକ ଭିଡ଼ ଜମାଉଛନ୍ତି। ସିଟିଡିସି ପକ୍ଷରୁ ହାଲ୍ ଓ ଡିଆରଡିଓକୁ ଯୋଗାଇ ଦିଆଯାଉଥିବା ଏରୋ ସ୍ପେଶ୍ କମ୍ପୋନେଟ୍ ଗୁଡ଼ିକ ଏହି ଷ୍ଟଲ୍‌ରେ ସ୍ଥାନ ପାଇଛି। ମୁଖ୍ୟତଃ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ର ଡେମୋକୁ ଏଠାରେ ପ୍ରଦର୍ଶିତ କରାଯାଉଛି। ସିଟିଡିସିର ପ୍ରଶିକ୍ଷକ ସୁଚରିତା ଲେଙ୍କା ଏହି ଷ୍ଟଲ୍ ଦାୟିତ୍ୱରେ ଥିବା ବେଳେ ସେ ପ୍ରଦର୍ଶିତ ସମସ୍ତ ଯନ୍ତ୍ରାଂଶ ସମ୍ପର୍କରେ ଦର୍ଶକଙ୍କୁ ବୁଝାଉଛନ୍ତି। ୨୦୦୭ ମସିହାରେ ସିଟିଡିସି ଟ୍ରେନିଂ ସେଣ୍ଟର ଭାରତରେ ନମ୍ବର-୧ ହେବାର ଯୋଗ୍ୟତା ହାସଲ୍ କରିଥିଲା। ଅନ୍ୟପଟେ ୭୫ହଜାର ଏରୋ ସ୍ପେଶ୍ କମ୍ପୋନେଟ୍ ଚନ୍ଦ୍ରଯାନ ନିମନ୍ତେ ପଠାଯାଇଥିବା ସୂଚନା ଏଠାରେ ଦିଆଯାଉଛି।



## ୧୮ ନଂ ୱାର୍ଡରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



କଟକ, ୧୦।୨(ସମିସ): ଆଜି ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ୱାର୍ଡ ନଂ ୧୮ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌଡ଼ସାହି ସୁନାଦେଇ ମନ୍ଦିର ନିକଟରୁ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଉଦଘାଟନ ହୋଇଥିଲା। ୱାର୍ଡ ସଭାପତି ଦେବାଶିଷ ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ, ସୌମ୍ୟଦୀପ ଘୋଷ, ପୂର୍ଣ୍ଣିମା ସିଂ, ଜଗତଜ୍ୟୋତି ପଟ୍ଟନାୟକ, ସମ୍ପତି ମୋଡ଼ା, ଜରିନ ମୁସ୍ତାକ, ସେଖ୍ ଫାୟାଜ ରସୁଲ, ଫିରୋଜୁର ରେହେମାନ, ସୁବାସ ମିର୍ଦ୍ଧା, ସବୀର ଆନସାର, ରିଜ୍ୱନା ୟାସ୍ମିନ, ଅବଦୁଲ ମଲ୍ଲିକ, ପ୍ରଫୁଲ୍ଲ ବେହେରା ଓ ବହୁ ଯୁବ ଛାତ୍ର ଓ ମହିଳା ନେତୃମଣ୍ଡଳୀ ସମେତ ୱାର୍ଡର ଅନେକ ବରିଷ୍ଠ ନେତା କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ପଦ୍ମବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

### ୮ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

## ୨ ମାସ ମଧ୍ୟରେ ଅବକାରୀ କନଷ୍ଟେବଲ ଭାବେ ନିଯୁକ୍ତି ପ୍ରଦାନ ନିର୍ଦ୍ଦେଶ

କଟକ, ୧୦।୨(ସମିସ): ଅସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଅବକାରୀ କନଷ୍ଟେବଲ ପଦରେ ଜନୈକ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଅନ୍ୟପଟରେ ଯୋଗ୍ୟ ହେବା ସତ୍ତ୍ୱେ ନିଯୁକ୍ତିରୁ ବଞ୍ଚିତ ଆବେଦନକାରୀଙ୍କୁ ଆସନ୍ତା ଦୁଇ ମାସ ମଧ୍ୟରେ ଅବକାରୀ କନଷ୍ଟେବଲ ପଦରେ ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରଞ୍ଜିତ କୁମାର ଷଡ଼ଙ୍ଗୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରେ ପ୍ରସ୍ତୁତ ଜିଲ୍ଲାୱାରୀ ମେଧା ତାଲିକାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ ସମ୍ପୃକ୍ତ ପ୍ରତିପକ୍ଷଙ୍କ ନିଯୁକ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ଯେହେତୁ ପ୍ରତିପକ୍ଷ ୭ବର୍ଷ ଚାକିରି କରିସାରିଲେଣି, ତେଣୁ ଉପଲବ୍ଧ ଖାଲି ପଦରେ ତାଙ୍କର ଚାକିରି ଜାରି ରଖିବା ଯଦି ଆଇନ ଅନୁସାରେ ଗ୍ରହଣୀୟ ହୋଇଥାଏ, ତାହେଲେ କର୍ତ୍ତୃପକ୍ଷ ଏହାର ବିଚାର କରିପାରନ୍ତି ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୪ରେ ୨୫୬ଟି ଅବକାରୀ କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିସନ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୟୂରଭଞ୍ଜ ଜିଲ୍ଲା ପାଇଁ ଆବେଦନକାରୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ଚୟନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରତିପକ୍ଷ ଏସ୍‌ଟି ବର୍ଗର ଜନୈକ ପ୍ରାର୍ଥୀ ସଂରକ୍ଷିତ ବର୍ଗ ପାଇଁ ଆବେଦନ କରିଥିଲେ। ସଂରକ୍ଷିତ ବର୍ଗ ପାଇଁ ପ୍ରାର୍ଥୀଙ୍କ ସର୍ବନିମ୍ନ ଉଚ୍ଚତା ୧୬୩ ସେଣ୍ଟିମିଟର ଥିଲା। କୋହଳ ଉଚ୍ଚତା ମାନଦଣ୍ଡ ଅନୁସାରେ ସେ ଶାରୀରିକ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପରେ ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଥିଲେ। ଅସଂରକ୍ଷିତ ବର୍ଗରେ କିନ୍ତୁ ସର୍ବନିମ୍ନ ଉଚ୍ଚତା ମାନଦଣ୍ଡ ୧୬୮ ସେଣ୍ଟିମିଟର ଥିଲା। ସଂରକ୍ଷିତ ବର୍ଗରୁ କୋହଳ ନିୟମରେ ଉତ୍ତୀର୍ଣ୍ଣ ହୋଇ ଅସଂରକ୍ଷିତ ବର୍ଗରେ ପ୍ରତିପକ୍ଷଙ୍କ ନିଯୁକ୍ତି ବେଆଇନ ଦର୍ଶାଇ ନିଯୁକ୍ତିରୁ ବଞ୍ଚିତ ଆବେଦନକାରୀ ଗତ ୨୦୧୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ବେଆଇନ୍ ଲିଙ୍ଗ ନିରୂପଣ ରାକେଟ୍ ଠାବ ଘଟଣା

## ମାମଲା ରଫାଦଫା ପାଇଁ ୧୭ ଲକ୍ଷ ଠକେଇ ଅଭିଯୋଗ

କଟକ, ୧୦।୨(ସମିସ): ଫ୍ରେଣ୍ଡ୍‌ସ କଲୋନୀରେ ବେଆଇନ ଲିଙ୍ଗ ନିରୂପଣ କରାଯିବା ଘଟଣାରେ ପୁଲିସ ମୁଖ୍ୟ ତଥା ଡାକ୍ତର ପୂର୍ଣ୍ଣଶ୍ଳୋକ ଦାସ, ତାଙ୍କ ପତ୍ନୀ ବିସ୍ମିତା ଦାସ, ଢେଙ୍କାନାଳ କାମାକ୍ଷାନଗରର ବିଭୁତି ସାହୁ, ଜଗତସିଂହପୁର ବାଲିକୁଦାର ଦେବେନ୍ଦ୍ରକୁମାର ବେହେରା ଓ ପୁରୀଘାଟ ଅଞ୍ଚଳର ସୌମ୍ୟରଞ୍ଜନ ପୃଷ୍ଟିଙ୍କୁ ଗିରଫ କରିଥିଲା। ଗିରଫ ପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଘଟଣାର ରଫା ଦଫା ପାଇଁ ଜଣେ ବ୍ୟକ୍ତି ୧୭ଲକ୍ଷ ଟଙ୍କା ଠକିନେଇଥିବା ନେଇ ଗିରଫ ଡାକ୍ତରଙ୍କ ମା' ଯଶୋଦା ଦାସ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ଏକ ଠକେଇ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି।

**ଥାନାରେ ଅଭିଯୋଗ କଲେ ଗିରଫ ଡାକ୍ତରଙ୍କ ମା'**

ପ୍ରକାଶ ଥାଉ କି, ବେଆଇନ ଲିଙ୍ଗ ନିରୂପଣ ନେଇ ଗତକାଲି ଡାକ୍ତର ଦାସ ଓ ତାଙ୍କ ପତ୍ନୀଙ୍କ ସହିତ ୫ଜଣକୁ ପୁଲିସ ଗିରଫ କରିଥିଲା। ଘଟଣାସ୍ଥଳରୁ ଗୋଟିଏ ପୋର୍ଟେବୁଲ ଅଲଟ୍ରାସାଉଣ୍ଡ ଯନ୍ତ୍ର, ତିନିଟି କାର୍ଡ, ଗର୍ଭପାତ ଔଷଧ, ସୁଟ୍‌କେସ, ଇନ୍‌ଭର୍ଟର ଓ ନଗଦ ୪୦ହଜାର ଟଙ୍କା ଓ ବହୁ ଆପତ୍ତିଜନକ ନଥିପତ୍ର ଜବତ କରାଯାଇଥିଲା। ତେବେ ଥାନାରେ ଡାକ୍ତରଙ୍କ ପତ୍ନୀ ବିସ୍ମିତାଙ୍କୁ ପଚରାଉଚରା କରାଯିବା ସମୟରେ ସେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ କାନ୍ଦିବାରେ ଲାଗିଥିଲା। ଏହି ସମୟରେ ଧଳା ରଙ୍ଗର ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ସେ ଘଟଣାରେ ହସ୍ତକ୍ଷେପ କରିବା ସହିତ ପୁରା ମାମଲାକୁ ରଫାଦଫା କରିଦେବେ ବୋଲି କହିଥିଲେ। ଏହାପରେ ସେ ପୁଲିସ ନିକଟରେ ଡାକ୍ତର ଓ ତାଙ୍କ ପତ୍ନୀଙ୍କ ପକ୍ଷ ରଖିଥିଲେ। ଏପରିକି ବିସ୍ମିତାଙ୍କୁ ନୋଟିସ ଦେଇ ଛାଡିଦେବାର ସମସ୍ତ ବ୍ୟବସ୍ଥା କରାଇଥିବା ବ୍ୟକ୍ତିଜଣକ ଡାକ୍ତର ଦାସଙ୍କୁ କହିଥିଲେ, ହେଲେ ତେବେ ତାହା ହୋଇ ନ ଥିଲା। ସନ୍ଧ୍ୟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଏହି ଘଟଣାର ୧୫ଘଣ୍ଟା ପରେ ଗିରଫ ଡାକ୍ତରଙ୍କ ମା' ଯଶୋଦା ଦେଇଥିବା ଏତଲାରେ ଉକ୍ତ ବ୍ୟକ୍ତିଜଣକ ମାମଲା ରଫାଦଫା ପାଇଁ ୧୭ଲକ୍ଷ ଟଙ୍କା ଠକି ନେଇଥିବା ଉଲ୍ଲେଖ କରିଛନ୍ତି। ଏଭଳି ଅଭିଯୋଗ ପରେ ମାମଲାଟି ନୂଆମୋଡ଼ ନେବାକୁ ବସିଛି।

## ଏସବିଆଇ ପକ୍ଷରୁ ମୋବାଇଲ ଟଏଲେଟ୍ ଭ୍ୟାନ୍ ପ୍ରଦାନ

କଟକ, ୧୦।୨(ସମିସ): ରାଜ୍ୟର ୭୦ ହଜାର ଏନସିସି କ୍ୟାଡେଟ୍ ବର୍ଷ ତମାମ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥାନ୍ତି। ତେବେ ଅଧିକାଂଶ ସ୍ଥାନରେ ସେମାନେ ଶୌଚ ପାଇଁ ସଠିକ ସ୍ଥାନ ଓ ପରିବେଶ ନ ପାଇ ହଇରାଣ ହୋଇଥାନ୍ତି। ଏଭଳି ସମସ୍ୟା ଦୂର କରିବା ପାଇଁ ଏନସିସିର ଅନୁରୋଧକୁ ରକ୍ଷା କରି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ୧୭ ଲକ୍ଷ ୧୩ ହଜାର ୩୬୦ ଟଙ୍କା ବ୍ୟୟରେ ଦୁଇଟି ମୋବାଇଲ ବାୟୋ ଟଏଲେଟ୍ ଭ୍ୟାନ ପ୍ରଦାନ କରାଯାଇଛି। ଏହାକୁ ୨୦ ଜଣ ପ୍ରଶିକ୍ଷାର୍ଥୀ ଏକା ସାଙ୍ଗରେ ବ୍ୟବହାର କରିପାରିବେ। ଏଥି ସହିତ ୨୫ଟି ପେଡ଼ିଷ୍ଟାଲ ଫ୍ୟାନ ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଦିଲ୍ଲୀ ସାଧାରଣତନ୍ତ୍ର ପ୍ୟାରେଡରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘ଆମ ଓଡିଶା ନବୀନ ଓଡିଶା’ ସଚେତନତା କାର୍ଯ୍ୟକ୍ରମ

## ନଗସପୁର, ବନ୍ଧକାଟିଆ ଓ ଢ଼େଙ୍କଶ୍ୱରପୁର ପଞ୍ଚାୟତ





**ନିଶ୍ଚିନ୍ତକୋଇଲି,୧୦।୨(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନଗସପୁର, ବନ୍ଧକାଟିଆ ଓ ଝାଡେଶ୍ୱରପୁର ପଞ୍ଚାୟତରେ ‘ଆମ ଓଡିଶା ନବୀନ ଓଡିଶା’ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନଗସପୁର ସରପଞ୍ଚ ପୁଷ୍ପଲତା ମଲ୍ଲିକଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଜେଡି ସରକାରରେ ପଞ୍ଚାୟତରେ ହୋଇଥିବା ବିଜୁ ସେତୁ ଯୋଜନା, ବିଦ୍ୟୁତଗ୍ରୀଡ୍ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିର ମସଜିଦ୍ ଓ ସ୍କୁଲର ରୂପାନ୍ତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କରି ଆଗାମୀ ନିର୍ବାଚନରେ ବିଜେଡିକୁ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବିଜୁ କୃଷକ ସଂଗଠନ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେଡିର ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ସଚେତନ କରାଇଥିଲେ। ସମିତିସଭ୍ୟ ଦେବେନ୍ଦ୍ରନାଥ ବେହେରା, ସରପଞ୍ଚଙ୍କ ପ୍ରତିନିଧି ବିଜ୍ଞାନ ଚରଣ ମଲ୍ଲିକ, ପ୍ରଦୀପ୍ତ ଷଡଙ୍ଗୀ, ଶରତ ଚନ୍ଦ୍ର ମହାନ୍ତି, କିଶୋର ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ କାନୁନଗୋ, ନାଏବ ସରପଞ୍ଚ ତସୱୀର ବେଗ, ପ୍ରଫୁଲ୍ଲ ଷଡଙ୍ଗୀ, ପର୍ଯ୍ୟବେକ୍ଷକ ବ୍ରଜମୋହନ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ୧୩ଟି ୱାର୍ଡରେ ‘ମୋ ଓଡିଶା ନବୀନ ଓଡିଶା’ରେ ୨୦ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସଂକ୍ରାନ୍ତରେ ଅବଗତ କରାଇଥିଲେ। ସେହିପରି ବନ୍ଧକାଟିଆ ପଞ୍ଚାୟତରେ ସରପଞ୍ଚ ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱ ଏବଂ ଯୁବନେତା କିଶୋର ତ୍ରିପାଠୀଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ଜେନା, ବସନ୍ତ ବେହେରା, ସଂଜିତ୍ ପଟ୍ଟନାୟକ, ରଞ୍ଜନ ମହାନ୍ତି, ଧୀରେନ୍ଦ୍ରନାଥ ଶତପଥି, ପ୍ରତାପ ଷଡଙ୍ଗୀ, ରଘୁନାଥ ଶତପଥି, ସୁନାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଝାଡେଶ୍ୱରପୁର ପଞ୍ଚାୟତର ସରପଞ୍ଚ ଅନୀଲ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ଜେନା ଯୋଗଦେଇ ଜନସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ, ସମିତିସଭ୍ୟସଭ୍ୟା, ୱାର୍ଡସଭ୍ୟସଭ୍ୟା, ଏମ୍‌ବିକେ, ସିଆରପି, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଆଦି ଯୋଗଦେଇଥିଲେ। ପଞ୍ଚାୟତ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କଳାକାର, ଛାତ୍ରଛାତ୍ରୀ, ବୟୋଜ୍ୟେଷ୍ଠ ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ନିଜିଗଡ଼ ପଞ୍ଚାୟତ

**ଟିଗିରିଆ :** ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ, ପୁରୁଣା ଟିଗିରିଆ ପଞ୍ଚାୟତରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ଶନିବାର ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ‘ଆମ ଓଡିଶା ନବୀନ ଓଡିଶା’ ଅନୁଷ୍ଠିତ ହୋଇଯାଇଛି। ନିଜିଗଡ ରାଜବାଟୀ ପଡିଆରେ ସ୍ଥାନୀୟ ସରପଞ୍ଚ ସୁକ୍ତା ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଆଠଗଡ ବିଜ୍ଞାପିତ ପରିଷଦର ପୂର୍ବତନ କାଉନସିଲର ଶିଶିର ମାନ ସିଂ, ଆଠଗଡ-ଟିଗିରିଆ ନିର୍ବାଚନ ମଣ୍ଡଳୀର ‘ଜୀବନ ବିନ୍ଦୁ ସଂଯୋଜକ ପ୍ରଦୀପ ଦାସ, ବ୍ଲକ ବିଜେଡି ସଭାପତି ଅଜିତ ଧିର, କୃଷକ ନେତା ଗୌରହରୀ ପରିଡା, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସେଠୀ, ସମିତିସଭ୍ୟା ବସିରନ୍ ବିବି ପ୍ରମୁଖ ଯୋଗଦେଇ ‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ହୋଇଥିବା ଭିତ୍ତିଭୂମିର ବିକାଶ ନେଇ ମତବ୍ୟକ୍ତ କରିଥିଲେ। ଆଇନଜିବୀ ପ୍ରଶାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ପୁରୁଣା ଟିଗିରିଆ ପଞ୍ଚାୟତ

**ଟିଗିରିଆ :** ପୁରୁଣା ଟିଗିରିଆ ପଞ୍ଚାୟତ ପକ୍ଷରୁ ଆଜି ‘ଆମ ଓଡିଶା ନବୀନ ଓଡିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତାପ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ତଥା ସେରେଫେଡର ଅଧକ୍ଷ ଭାଗିରଥି ନନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଣବ ବେହେରା, ପୁରୁଣାଟିଗିରିଆ ଗ୍ରାମ୍ୟ କମିଟି ସଭାପତି ଘନଶ୍ୟାମ ଜେନା, ଅମୁଣିଆସାହି ଗ୍ରାମ୍ୟ କମିଟି ଲକ୍ଷ୍ମଣ ମହାନ୍ତି, ପାଇକିଆଁରା ଗ୍ରାମ୍ୟ କମିଟି ସଭାପତି ମଦରଧର ନାୟକ, ଚଷାଆଁରା ଗ୍ରାମ୍ୟ କମିଟି ସଭାପତି ବିକଳ ସ୍ୱାଇଁ, ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷା ରୂପା ଦଳେଇ, ଉପାଧକ୍ଷ ମାନସ ସାହୁ ପ୍ରମୁଖ ଯୋଗଦେଇ ବିଜୁ ଜନତା ଦଳର ଶାସନ କାଳ ମଧ୍ୟରେ ଗ୍ରାମାଞ୍ଚଳର ଭିତ୍ତିଭୂମୀର ବିକାଶ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ।

## ଗୋପାଳପୁର ପଞ୍ଚାୟତ

**ମାହାଙ୍ଗା :** ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ‘ଆମ ଓଡିଶା ନବୀନ ଓଡିଶା’ ସଚେତନତା କାର୍ଯ୍ୟକ୍ରମ ଦୁଲ୍ଲାରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋ÷ତମ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ମାହାଙ୍ଗାକୁ ଏକ ବିକଶିତ ବ୍ଲକ୍ ଭାବେ ଗଢି ତୋଳିବା ଓ ‘୫-ଟି’ ରୂପାନ୍ତରଣ ଏବଂ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ମନ୍ଦିର ଠାରୁ ଆରମ୍ଭ କରି କଲେଜ, ବିଦ୍ୟାଳୟ, ଦେବାଳୟ, ସାମାଜିକ ଅନୁଷ୍ଠାନ, ଭାଗବତ ଟୁଙ୍ଗୀ ସହିତ ଗମନାଗମନରେ ଲକ୍ଷ୍ମୀ ବସ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତି କରିବା ସହ ଗୋପାଳପୁର ପଞ୍ଚାୟତରେ ବହୁ ବିକାଶମୂଳକ କାର୍ଯ୍ୟ ସମ୍ଭବପର ହୋଇଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ ମମତା ସେଠୀ, ସମିତସଭ୍ୟା ଦେବସ୍ମିତା ସେଠୀ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ମହିଳା ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସଂପାଦିକା ମମତା ବେହେରା, ପଞ୍ଚାୟତ ବିଜେଡି ସଭାପତି ଆଲୋକ ପ୍ରଧାନ, ପିଇଓ ବିଜୟ ରାଉତ, ଦେବରଞ୍ଜନ ମହାନ୍ତି, ବିବେକାନନ୍ଦ ପାଣି, କଲ୍ଲୋଳ ମହାନ୍ତି, ଇଂ ଚିନ୍ମୟ ଜେନା, ନରହରି ସେଠୀ, ରତ୍ନାକର ପାଲ, ଓଜିତ ଖାଁ, ଗୋପୀନାଥ ପ୍ରଧାନ, କୁଞ୍ଜବିହାରୀ ନାଥ ଶର୍ମା, ତ୍ରିନାଥ ଦାସ, ସୁବାଷ ମହାନ୍ତି, ଦିପ୍ତୀମୟୀ ଜେନା, ସନ୍ଧ୍ୟାରାଣୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।







● ସମୂହ ଛୁଟିରେ ପ୍ରାଣୀଚିକିତ୍ସକ

## ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଚାଲିଛି ପ୍ରାଣୀ ଚିକିତ୍ସାଳୟ

**ସାଲେପୁର,୧୦।୨(ସମିସ):** ଆଜକୁ ପ୍ରାୟ ୨୦ଦିନରୁ ଉଦ୍ଧ୍ୱର୍ ସମୟ ହେବ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଯାଇ ଆନ୍ଦୋଳନ ଜାରି ରଖିଥିବାବେଳେ ବିଭିନ୍ନ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ପ୍ରାଣୀଧନ ନିରୀକ୍ଷକମାନେ ଗୋରୁଗାଈଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଘରକୁ ଘର ବୁଲି ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ଗୋରୁଗାଈଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ପ୍ରାଣୀ ଚିକିତ୍ସା ସଂଘ ଡାକରାରେ ଜାନୁଆରୀ ୧୮ ରୁ ସମସ୍ତ ଚିକିତ୍ସକ ବିଭିନ୍ନ ଦାବି ନେଇ ସମୂହ ଛୁଟିରେ ଯାଇଥିବାବେଳେ ଏବେ ବିଭିନ୍ନ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ପ୍ରାଣୀଧନ ନିରୀକ୍ଷକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆସୁଥିବା ଗୋରୁଗାଈଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପଶୁମାନଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଏହି କିଛି ଦିନ ହେବ ସାଲେପୁର ଅଞ୍ଚଳର ରୋଧପୁର, ମାଛୁଆଡି, ଚନ୍ଦ୍ରାଦେଇପୁର, ଲୁଣାହାର ସମେତ ବିଭିନ୍ନ ଅଞ୍ଚଳର ବହୁ ଗୋରୁଗାଈ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି। ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ଗୋରୁଗାଈଙ୍କ ଚିକିତ୍ସାକୁ ନେଇ ଗୋପାଳକମାନେ ଚିନ୍ତାରେ ପଡିଥିବାବେଳେ ଏବେ ପ୍ରାଣୀଧନ ନିରୀକ୍ଷକମାନେ ଘରେ ଘରେ ପହଞ୍ଚି ଆକ୍ରାନ୍ତ ଗୋରୁଗାଈଙ୍କୁ ଚିକିତ୍ସା କରୁଥିବାରୁ ଗୋପାଳକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

## ‘ଆମ ସଂସ୍କୃତି ଆମ ଖେଳନା’ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବଡମ୍ବା,୧୦।୨(ସମିସ):** ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରଗଡିପଡା ନୋଡାଲ ଉଚ୍ଚ ବିଦ୍ୟାଳୟ ସାଧନ କେନ୍ଦ୍ରର ଦିନିଆରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଦ୍ୱିଦିବସୀୟ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରଗଡିପଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବଡମ୍ବା ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ବଡମ୍ବା ମଣ୍ଡଳ ସହ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥିଭାବେ ସହକାରୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ରଥ ଉପସ୍ଥିତ ଥିଲେ। ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଦିନିଆରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ବେହେରା, ରଗଡିପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ, ନୂଆପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସେଠୀ, ତୁଳସୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପରିଡା ଏବଂ ବିଭିନ୍ନ ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ମାଟିରେ ଭିନ୍ନ ଭିନ୍ନ ଆକୃତିର ଖେଳନା, ସୋଲ ସାହାଯ୍ୟରେ ବିଭିନ୍ନ ଆକୃତିର କଣ୍ଢେଇ ଏବଂ କାଗଜରେ ବିଭିନ୍ନ ପ୍ରକାର ସଂଖ୍ୟାର ଆକୃତି ନିର୍ମାଣ କରିଥିଲେ। ସର୍ବଶେଷରେ ଦିନିଆରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତପନ କୁମାର କରଣ ଧନ୍ୟବାଦ ଅର୍ପଣ କରିଥିଲେ।



## ବଜାର କମିଟି ଉପସଭାପତିଙ୍କ ସ୍ମୃତିସଭା



**ମାହାଙ୍ଗା,୧୦।୨(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ବଜାର କମିଟି ଉପସଭାପତି ସ୍ୱର୍ଗତ ପ୍ରଭାତ ବାରିକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କୁଆଁପାଳ ବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଜେନା, ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ଆଇନଜୀବୀ ଦୀପକ ମହାନ୍ତି, ନାଟ୍ୟକାର ମନୋଜ ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ରାଉତ, ପୂର୍ବତନ ସମିତିସଭ୍ୟ ବିଜୟ ସିହ୍ନା, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ଟାଇଗର କ୍ଲବ ସଂପାଦକ ରବି ଦାସ, ଅମର ଜେନା, ଜିତେନ୍ଦ୍ର ପ୍ରସାଦ ତ୍ରିପାଠୀ, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ଅନିଲ ପାଣି, ସୁରେଶ ଚନ୍ଦ୍ର ପ୍ରଧାନ, ରମେଶ ସାମଲ, ନାରାୟଣ ଦାସ, ଜନ୍ମେଜୟ ବଳ, ସଦାଶିବ ଦାସ, ଚୈତନ୍ୟ ପାଣି, ପଦ୍ମଚରଣ ଲେଙ୍କା, ପ୍ରଫୁଲ୍ଲ ଖୁଣ୍ଟିଆ, ପ୍ରଫୁଲ୍ଲ ସାହୁ, ଜ୍ୟୋତିଭୂଷଣ ବିଶ୍ୱାଳ, ବଳରାମ ସ୍ୱାଇଁଙ୍କ ସମେତ ବଜାର କମିଟିର ବହୁ ବ୍ୟବସାୟୀମାନେ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

## ଆତ୍ମରକ୍ଷା ତାଲିମ୍ ଶିବିର

**ସାଲେପୁର,୧୦।୨(ସମିସ):** ସାଲେପୁର ବ୍ଲକ୍ ରତିଲୋ ପଞ୍ଚାୟତରେ ଥିବା ମହାନଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଅଧ୍ୟକ୍ଷ ଧନେଶ୍ୱର ଦାଶ ଉଦ୍‌ଘାଟନ କରିଥିବାବେଳେ ପ୍ରଶିକ୍ଷକ ଭାଗ୍ୟଲକ୍ଷ୍ମୀ ପରିଡ଼ା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସଂପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶାସନିକ ଅଧିକାରୀ ରଞ୍ଜନ ଜେନା, ଅଧ୍ୟାପକ ପ୍ରମୋଦ ମଲ୍ଲିକ, ଦରିଦ୍ର ନାଥ ସାମଲ, ଅଧ୍ୟାପିକା ଆଲୋକରଶ୍ମି ପଣ୍ଡା ଯୋଗଦେଇ ନାରୀ ସୁରକ୍ଷାରେ ରାଜ୍ୟ ସରକାରଙ୍କ ଗଠନମୂଳକ ପଦକ୍ଷେପ ଉପରେ ମନ୍ତବ୍ୟ ରଖିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ଜେନା ଓ ପ୍ରଦୀପ ମହାପାତ୍ର ଏବଂ କର୍ମଚାରୀ ରଶ୍ମିରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।



## ଯାତ୍ରୀବାହୀ ବସ୍‌ରେ ବେଆଇନ କାରବାର, ୨ ଅଟକ

**ଟାଙ୍ଗୀ,୧୦।୨(ସମିସ):** କଟକରୁ କଲିକତା ଅଭିମୁଖେ ଯାତ୍ରା କରୁଥିବା ଏକ ଯାତ୍ରୀବାହୀ ବସରେ ବେଆଇନ ଭାବେ ସାମଗ୍ରୀ ପରିବହନ ହେଉଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଟାଙ୍ଗୀ ପୁଲିସ ଉକ୍ତ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ବସରେ କିଛି ବେଆଇନ ସାମଗ୍ରୀ ପରିବହନ ହେଉଥିବା ଜାଣିବାକୁ ମିଳିଥିଲା। ବସର କଣ୍ଡକ୍ଟର ଓ ମାଲିକଙ୍କୁ ଟାଙ୍ଗୀ ପୁଲିସ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ସାମଗ୍ରୀ ଗୁଡ଼ିକର ମାଲିକଙ୍କ ସହ ସମ୍ପର୍କ ହୋଇପାରିନାହିଁ। ଉକ୍ତ ବସ୍ତାରେ ଚୋରା ଆଲୁମିନିୟମ ଓ ତମ୍ବା ସାମଗ୍ରୀ ରହିଥିବା ଆଲୋଚନା ହେଉଥିବା ବେଳେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ବସଟିକୁ ତ୍ରିମ୍ବ ଫାଣ୍ଡି ସାମ୍ନାରେ ଅଟକ ରଖାଯାଇଛି। ଘଟଣା ସମ୍ପର୍କରେ ଟାଙ୍ଗୀ ଥାନା ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।




## ଶିକ୍ଷା ସଚେତନତା ରଥ ଉଦ୍‌ଯାପିତ

**କଟକ,୧୦।୨(ସମିସ):** କଟକ ସଦର ଶିକ୍ଷା ମଣ୍ଡଳ ପକ୍ଷରୁ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସଦର ଶିକ୍ଷା ମଣ୍ଡଳ ଅଧୀନରେ ବ୍ଲକ ଅଞ୍ଚଳ ଓ ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲକୁ ଏହି ସଚେତନତା ରଥ ପରିକ୍ରମା କରି ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା। ବିଶେଷ ଭାବରେ ଗ୍ରାମାଞ୍ଚଳରେ ଅଞ୍ଚଳରେ ଅଧାରୁ ପାଠ ଛାଡ଼ିଦେଇଥିବା ବାଳକ ବାଳିକା ମାନଙ୍କ ସହିତ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରି ପୁଣି ସେହି କୋମଳମତି ପିଲାମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିକ୍ଷା ସଚେତନତା ରଥ ମହାନଗର ନିଗମ ସହିତ କିଶନନଗର, କନ୍ଦରପୁର, ୪୨ମୌଜା, ଫୁଲନଖରା, ଶଙ୍ଖତ୍ରାସ ଓ କଟକ ମହାନଗର ନିଗମ ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ କନ୍ଦରପୁର ସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ, କିଶନନଗର ସ୍ଥିତ ଚିନ୍ତାମଣି ବିଦ୍ୟାପୀଠ, ୪୨ମୌଜା ସ୍ଥିତ କୁଳସରିଚୁଆଁ ବିଦ୍ୟାପୀଠ, ଶଙ୍ଖତ୍ରାସ ହାଇସ୍କୁଲ, ମହାନଗର ନିଗମର ନୂଆବଜାର ହାଇସ୍କୁଲ, ରାଣୀହାଟ ହାଇସ୍କୁଲ, ରେଲୱେ ହାଇସ୍କୁଲ ଆଦି ହୋଇ ପ୍ରତ୍ୟେକ ସ୍କୁଲକୁ ଯାଇ ସଚେତନତା ସୃଷ୍ଟି କରିଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରିଣୀ ସରସ୍ୱତୀ କାନୁନଗୋ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ, ସିଆରସିସି ସୁଶାନ୍ତ ସାହୁ, ରଫିକ୍ ମହମ୍ମଦ ଓ ଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଗତ ୬ ତାରିଖରୁ ଶୁଭାରମ୍ଭ ହୋଇଥିବା ଏହି ଶିକ୍ଷା ସଚେତନତା ରଥକୁ ସଦର ବ୍ଲକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଟକ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ସୋନାମିକା ରାୟ ଓ ଦିପ୍ତିମୟୀ ଶୁଭଦର୍ଶିନୀଙ୍କ ଉପସ୍ଥିତିରେ ଏବଂ ବିଜୟୀପ୍ରଭା ଦାଶ, କୁମୁଦିନୀ ଦାଶ ଓ ହିଲୋଲିନି ମହାନ୍ତିଙ୍କ ସହଯୋଗରେ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତମାନେ ବହୁ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି।



## ରାମେଶ୍ୱର ପଞ୍ଚାୟତରେ ‘ଗାଁକୁ ଚାଲ’ କାର୍ଯ୍ୟକ୍ରମ

**ସାଲେପୁର,୧୦।୨(ସମିସ):** ଭାଜପା ପକ୍ଷରୁ କଟକ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ପରାମର୍ଶରେ ରାମେଶ୍ୱର ମଣ୍ଡଳ ସଭାପତି ସମ୍ରାଟ କେଶରୀ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଥ୍ ସଭାପତି ଚିତ୍ତରଞ୍ଜନ ବିଶୋଇଙ୍କ ସଭାପତିତ୍ୱରେ ଉଚ୍ଚଡିହ ଗ୍ରାମର ୧୭୫ନଂ ବୁଥ୍‌ରେ ବୁଥ୍ ଚାଲ ଓ ଗାଁକୁ ଚାଲ ଅଭିଯାନର କର୍ମଶାଳା ନାରାୟଣଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବହୁ ମହିଳା, ଯୁବକ ଓ ବରିଷ୍ଠ ବ୍ୟକ୍ତି ଯୋଗଦେଇଥିଲେ। ଭାରତ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାକୁ କିପରି ଭାବେ ଲୋକମାନଙ୍କ ନିକଟରେ ପହଞ୍ଚିବ, ଲୋକେ କିପରି ଫାଇଦା ପାଇବେ, ସେ ସଂପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ନିର୍ବାଚନ ମଣ୍ଡଳୀ ବିସ୍ତାରକ ଦିଲ୍ଲୀପ କୁମାର ନାୟକ, ରାମେଶ୍ୱରମଣ୍ଡଳକୋଷାଧ୍ୟକ୍ଷକ୍ଷୀରୋଦସାହୁ, ୧୭୫ନଂବୁଥ୍‌ରଉପସଭାପତିକିଶୋର ଚନ୍ଦ୍ର ବିଶୋଇ, ସଂପାଦକ ପ୍ରଶାନ୍ତ ଭୋଇ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରମିଳା କାଣ୍ଡି, ଟୁକୁନା ଭୋଇ, ନାରୀନେତ୍ରୀ ଟୁନିଲତା ସେଠୀ, ମନି ଓଝା, ପ୍ରଶାନ୍ତ ସାମଲ ପ୍ରଭୃତି ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ବିଦ୍ୟାଳୟରେ ଭୋଟଗ୍ରହଣ କେନ୍ଦ୍ର

ନିଶ୍ଚିନ୍ତକୋଇଲି, ୧୦।୨(ସମିସ):



ମରାମତି କରିବାକୁ ଗ୍ରାମବାସୀଙ୍କ ଦାବି

ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଇସାଣୀବ୍ରହ୍ମପୁର ଗ୍ରାମପଞ୍ଚାୟତରେ ଥିବା ବ୍ରାହ୍ମଣଭୂଇଁ ପ୍ରାଥମିକ ବିଦ୍ୟାଳୟଟିକୁ ସରକାରଙ୍କ ପକ୍ଷରୁ ବନ୍ଦ୍ କରିଦିଆଯାଇଛି। ଗତ ୨ ବର୍ଷ ହେବ ବିଦ୍ୟାଳୟଟି ବନ୍ଦ୍ ହୋଇପଡ଼ିଥିବାରୁ ଏହାର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ବିଦ୍ୟାଳୟ ପରିସରଟି ଗଛଲତା ଓ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇ ଅପରିତ୍ୟକ୍ତ ଅବସ୍ଥାରେ ରହିଛି। ନିର୍ବାଚନ ବେଳେ ପୂର୍ବରୁ ଏହି ବିଦ୍ୟାଳୟରେ ଦୁଇଟି ଭୋଟ ଗ୍ରହଣ ବୁଥ୍ କରାଯାଏ। ବର୍ତ୍ତମାନ ବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଇଥିବାରୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଏହି ବିଦ୍ୟାଳୟରେ କିପରି ଭାବେ ବୁଥ୍ ହେବ ସେ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟ ବନ୍ଦ୍ ହୋଇଯାଇଥିବାରୁ ଏହା ମଧ୍ୟରେ ଥିବା ବିଭିନ୍ନ ଆସବାବପତ୍ରକୁ ମଧ୍ୟ ଉଠାଇ ନିଆଯାଇଛି। ଏହି ବିଦ୍ୟାଳୟ ପରିସରରେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୮୪ ଓ ୧୮୫ ନମ୍ବର ୨ଟି ବୁଥ୍ ହୋଇ ଭୋଟ ଗ୍ରହଣ କରାଯାଏ। ୧୮୪ ନମ୍ବର ବୁଥ୍‌ରେ ୮୯୬ ମତଦାତା ଓ ୧୮୫ ନମ୍ବର ବୁଥ୍‌ରେ ୮୨୬ ଜଣ ମତଦାତା ଏପରିକି ସମୁଦାୟ ୧୭୨୨ ଜଣ ମତଦାତା ଏଠାରେ ସେମାନଙ୍କର ମତଦାନ କରିଥାଆନ୍ତି। ପୂର୍ବରୁ ଉକ୍ତ ପ୍ରାଥମିକ ବିଦ୍ୟାଳୟ ରଘୁନାଥପୁର ବିଇଓଙ୍କ ଅଧୀନରେ ରହି କାର୍ଯ୍ୟ କରୁଥିଲା। ଏବେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଛି। ଏହି ବିଦ୍ୟାଳୟଟିର ମରାମତି ପାଇଁ ପଞ୍ଚାୟତ କିମ୍ବା ବିଇଓ କାର୍ଯ୍ୟାଳୟ ଧ୍ୟାନ ଦେଉ ନ ଥିବାରୁ ଏହା ବୁଥ୍ ହେବା ଉପଯୋଗୀ ହୋଇନାହିଁ। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ମରାମତି କରାଯିବା ସହିତ ପରିସର ସଫାସୁତୁରା କରିବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଝୁନଝୁନୱାଲା ବିଦ୍ୟାପୀଠର ବାର୍ଷିକ ଉତ୍ସବ



ବାରଙ୍ଗ, ୧୦।୨(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ଝୁନଝୁନୱାଲା ବିଦ୍ୟାପୀଠରେ ଶନିବାର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ସ୍କୁଲ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥିଭାବରେ ଯୋଗଦେଇ ଦେଶ ତୁମ ମାନଙ୍କଠାରୁ ଅନେକ କିଛି ଆଶା ରଖିଛି ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ। ବାଙ୍କୀ ବିଧାୟକ ଦେବାରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା, ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବିଶୋଇ, ରମାକାନ୍ତ ରାଉତ, ସମିର ମିଶ୍ର, ବିଜୟ ପଣ୍ଡା, ପ୍ରତାପ ପାଣି, ପ୍ରଫୁଲ୍ଲ ସ୍ୱାଇଁ, ପ୍ରକାଶ ପାଣି, ସନ୍ତୋଷ ପାଣି, ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା ଓ ନିରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଆରତୀ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରପଞ୍ଚ ଦିଲିପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

● ତ୍ରିଶୁଳିଆ ଛକରେ ସଡକ ଦୁର୍ଘଟଣା

# ଟ୍ରକ ଧକ୍କାରେ ଯୁବତୀ ମୃତ

ବାରଙ୍ଗ, ୧୦।୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଗୋଲେଇ ଛକରେ ଶନିବାର ସକାଳ ୮ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ୧୦ ଚକିଆ ଟ୍ରକ ସ୍କୁଟି ଚାଳକକୁ ଧକ୍କା ଦେବାରୁ ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ କଟକ ମହମ୍ମଦିଆ ବଜାରର କ୍ରୀଷ୍ଟା ସାହୁ। ଖବରରୁ ପ୍ରକାଶ ଯୁବତୀ ଜଣକ ସ୍କୁଟି ଚଳାଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ପଛପଟୁ ଆସୁଥିବା ଏକ ୧୦ଚକିଆ ଟ୍ରକଟି ତ୍ରିଶୁଳିଆ ଗୋଲେଇ ଛକରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ କ୍ରୀଷ୍ଟା ଟ୍ରକର ଚକା ତଳକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ଦୁର୍ଘଟଣା କିଭଳି ଘଟିଲା ତାହା ତଦନ୍ତ କରୁଛି।

# ଫାଇଲେରିଆ ନିରାକରଣ ଓ କୃମିନାଶକ ବଟିକା ବଣ୍ଟନ

ଟାଙ୍ଗୀ, ୧୦।୨(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟରେ ଫାଇଲେରିଆ ନିରାକରଣ ଓ କୃମିନାଶକ ପାଇଁ ଚଳିତ ମାସ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ କୃମିନାଶକ ବଟିକା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୬୩ଟି କେନ୍ଦ୍ରରେ ଫାଇଲେରିଆ ନିରାକରଣ ଓ କୃମିନାଶକ ବଟିକା ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଞ୍ଜୁଆ ବିଶ୍ୱନାହାକାଣୀ ଠାରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଓ ଅତିରିକ୍ତ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଉକ୍ତ ବଟିକା ଦିଆଯିବ ନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ମଧୁସ୍ମିତା ନାୟକ ସୂଚନା ପ୍ରଦାନ କରିଛନ୍ତି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଟାଙ୍ଗୀ, ୧୦।୨(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା ନିର୍ଗୁଣ୍ଡି ଅଞ୍ଚଳରେ ପାରିବାରିକ କଳହରୁ ଶନିବାର ଅପରାହ୍ନରେ ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ କାଖରେ ଜନ୍ମକଲା ଶିଶୁକୁ ଧରି ଘର ପଙ୍ଖାରେ ଝୁଲି ପଡ଼ିବା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ନିର୍ଗୁଣ୍ଡି ଷ୍ଟେସନ ନିକଟସ୍ଥ ବସ୍ତିରେ ବାସ କରୁଥିବା ରାମଚନ୍ଦ୍ର ବେହେରା ଓ ପତ୍ନୀ ମିଲିଙ୍କ ମଧ୍ୟରେ ଦୁଇ ତିନି ଦିନ ହେଲା ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ରକରି ମିଲି ଆତ୍ମହତ୍ୟା କରିଥିବା ସ୍ୱାମୀ ରାମଚନ୍ଦ୍ର କହୁଥିବାବେଳେ ମିଲିଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଫଳରେ ଟାଙ୍ଗୀ ପୁଲିସ ମୃତଦେହ ଜବତ ପୂର୍ବକ ବ୍ୟବଚ୍ଛେଦ କରିଥିବାବେଳେ ରିପୋର୍ଟ ଆସିଲେ ସତ୍ୟତା ପଦାକୁ ଆସିବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ମାସିକ ସମୀକ୍ଷା ବୈଠକ



ବଡମ୍ବା, ୧୦।୨(ସମିସ): ଶନିବାର ଦିନ ବଡମ୍ବା ବ୍ଲକର ୩୮ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କର ପଞ୍ଚମ ମାସିକ ସମୀକ୍ଷା ବୈଠକ ଗୋପପୁର ସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ କାମରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହଙ୍କ ପୌରୋହିତ୍ୟ କରି ଆଲୋଚନାର ମୁଖ୍ୟ ବିଷୟ ମାଟ୍ରିକ ପରୀକ୍ଷା, ପରୀକ୍ଷାର୍ଥୀଙ୍କୁ ସଠିକ୍ ମାର୍ଗଦର୍ଶନ ଓ ପରିଚାଳନା ଦିଗରେ ବିଭିନ୍ନ ମତାମତ ଦେବା ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏବିଇଓ ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ପ୍ରଧାନଶିକ୍ଷକ ମୀନା କୁମାରୀ ସାହୁ, ମୁକ୍ତିପଦ ନନ୍ଦ, ଶୈଳବାଳା ସାମଲ, ବିଜୟ ଛତ୍ର, ଶ୍ୟାମବନ୍ଧୁ ବେହୁରା, ସରୋଜ ମିଶ୍ର, ସନ୍ତୋଷ ପରିଡ଼ା, ମନମୋହନ ମହାରଣା, ପବିତ୍ର ମୋହନ ପ୍ରଧାନ, ମାନସୀ ମଞ୍ଜରୀ ସେଠୀ ଓ ପୁଷ୍ପଲତା ରାଉତ ପ୍ରମୁଖ ନିଜ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସହକାରୀ ଶିକ୍ଷକ ଅଶୋକ ଧଳଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଉପସ୍ଥିତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ସନାତନ ବେହେରା ଓ ଅନ୍ନପୂର୍ଣ୍ଣା ଶତପଥୀ ମଧ୍ୟ କୃତି ଶିକ୍ଷକ ଶ୍ରୀ ଧଳଙ୍କୁ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରିଥିଲେ। କଟକ ଜିଲ୍ଲାରେ ଏକାଡେମୀକ ଆଚିଭମେଣ୍ଟ ପାଇଁ ବଡମ୍ବା ବ୍ଲକ ସ୍ଥାନ ଅଧିକାର କରିଥିବା ଯୋଗୁଁ ପ୍ରଧାନଶିକ୍ଷକ ବିଜୟ କୁମାର ଛତ୍ର ଓ ଶ୍ୟାମବନ୍ଧୁ ବେହୁରା ଶିକ୍ଷାଧିକାରୀ ଶ୍ରୀ ମଉଗଜ ସିଂହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ମୋଟର କର୍ମଚାରୀ ସଂଘ ବିରୋଧରେ ଅଭିଯୋଗ ଭିତ୍ତିହୀନ

## ବସ୍ କର୍ମଚାରୀଙ୍କୁ ମାଡି ମାରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି




କଟକ, ୧୦।୨(ସମିସ): କଟକ ନେତାଜୀ ବସ ଟର୍ମିନାଲ ପରିସରରେ ମୋଟର କର୍ମଚାରୀ ସଂଘ ପକ୍ଷରୁ ରାତ୍ରି ସମୟରେ ବସ୍‌ଗୁଡିକରୁ ଦାଦାବଟି ଆଦାୟ କରାଯାଉଥିବା ଗତ କିଛି ଦିନ ପୂର୍ବେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କଟକ ମୋଟର କର୍ମଚାରୀ ପକ୍ଷରୁ ଶନିବାର ପାଲାମଣ୍ଡପସ୍ଥିତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି। ବରଂ ଘରୋଇ ବସ୍ ମାଲିକମାନେ ଡ୍ରାଇଭର ଓ କର୍ମଚାରୀଙ୍କ ପ୍ରତି ଖରାପ ବ୍ୟବହାର କରିଥିବା ଅଭିଯୋଗ ଆଣିଥିଲେ। ଯେଉଁ ବସ୍ ଗୁଡିକୁ ନିର୍ଦ୍ଦିଷ୍ଟ ବେ'ରେ ରହିବାକୁ ଅନୁମତି ରହିଛି, ସେମାନଙ୍କୁ ସମ୍ପୃକ୍ତ ବେ'କୁ ବସ୍ ପଶାଇ ଦିଆଯାଉ ନ ଥିବା ସଂଘ ଅଭିଯୋଗ ଆଣିଛି। ଗତ ୪ ତାରିଖରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ବରଗଡ଼ର ଜଣେ ଡ୍ରାଇଭରଙ୍କୁ ମାଡ ମାରିଥିବାବେଳେ ଏନେଇ ବାଦାମବାଡି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ ପୁଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସଂଘର ଉପସଭାପତି ବଦ୍ରିନାରାୟଣ ଦାସ ସୂଚନା ଦେଇଛନ୍ତି। ତୁରନ୍ତ ମାଡ ମାରିଥିବା ଘରୋଇ ବସ ମାଲିକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦୀପ୍ତ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଶିଶିର ଲେଙ୍କା, ସହ ସମ୍ପାଦକ ହୀରାଲାଲ ପଣ୍ଡା, ଗଗନ ପରିଡ଼ା, ଚକ୍ରବର୍ତ୍ତୀ ଓତା ଓ କୋଷାଧ୍ୟକ୍ଷ ବିଭୂତି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦାଶପୁର ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଆଠଗଡ଼, ୧୦।୨(ସମିସ): ଆଠଗଡ଼ ବ୍ଲକ ଅନ୍ତର୍ଗତ ମେଘା ପଞ୍ଚାୟତ ଦାଶପୁର ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରଥ ବେହେରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି କୃଷ୍ଣଚନ୍ଦ୍ର ଦଳେଇ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ସମ୍ପାଦକ ଧରଣୀଧର ମଲ୍ଲିକ ଆଠଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ସାମଲ, ସରପଞ୍ଚ ବନମାଳୀ ସାମଲ, ସମିତିସଭ୍ୟ ରାଜେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୀନିଲତା ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ମାନସ ରଞ୍ଜନ ରଣା ଗ୍ରାମ କମିଟିର ସଭାପତି ପ୍ରଭାକର ବେହେରା, ସମ୍ପାଦକ ବିଷ୍ଣୁ ଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ



ମାହାଙ୍ଗା, ୧୦।୨(ସମିସ): ମାହାଙ୍ଗାରେ ବିରୋଧିଙ୍କୁ ଶକ୍ତ ଝଟକା ଲାଗିଛି। ପଣସପୁର ପଞ୍ଚାୟତର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ପଣସପୁର ପଞ୍ଚାୟତର ସରପଞ୍ଚ ଚିନ୍ମୟ ସାମନ୍ତରାୟ ଓ ସମିତିସଭ୍ୟ ଦେବପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦୃଢ ସଂଗଠନ ଓ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧାୟକ ଶ୍ରୀ ଜେନାଙ୍କ ଉପସ୍ଥିତିରେ ଭୁବନେଶ୍ୱର ବାସଭବନରେ ବିଜେଡି ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ନବାଗତ କର୍ମୀଙ୍କୁ ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗକୁ ବିଧାନସଭା ନିର୍ବାଚନ ଥିବାବେଳେ ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିବାରୁ ମାହାଙ୍ଗାରେ ବିରୋଧୀଙ୍କୁ ଶକ୍ତ ଝଟକା ଲାଗିଛି ବୋଲି ଆଲୋଚନା ହେଉଛି।

# ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା, ୧୦।୨(ସମସ): ମାହାଙ୍ଗା ଶିକ୍ଷା ମଣ୍ଡଳ ଅଧୀନସ୍ଥ ପାଇକରାପୁର ଗ୍ରାମ ସ୍ଥିତ ବୃନ୍ଦ ଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ରାଉତଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଦାଶଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରା, ଡ. ଜନାର୍ଦ୍ଦନ ରାଉତ, ଡ. ଜୟରାମ ସ୍ୱାଇଁ, ଡ. ଏକାଦଶୀ ପ୍ରଧାନ, ଡ. ମନୋରଞ୍ଜନ ବେହୁରା, ସାମ୍ବାଦିକ ଭକ୍ତ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ରାଉତ, ସରୋଜ ଜେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ଡ. ଭାଗ୍ୟଧର ରାଉତ, ଧରଣୀଧର ବେହେରା, ଶାନ୍ତନୁ ରାଉତ, ଅନିଲ ରାଉତ, ଲକ୍ଷ୍ମୀପ୍ରିୟା ଦାସ, ଶିକ୍ଷୟିତ୍ରୀ ସଦାସିନୀ ସାମଲ, ଇଂ ପ୍ରଭାତ ରାଉତ, ଇଂ ସାରଦା ପ୍ରସାଦ ରାଉତ ଓ ହରିହର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଅଲେଖ ପ୍ରସାଦ ରାଉତ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶିକ୍ଷକ ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସାରଦା ଶିକ୍ଷା ନିକେତନର ବାର୍ଷିକୋତ୍ସବ



କଟକ, ୧୦।୨(ସମିସ): ଭଗତପୁରସ୍ଥିତ ସାରଦା ଶିକ୍ଷା ନିକେତନର ୧୪ତମ ବାର୍ଷିକ ଉତ୍ସବ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଦ୍ୟୁତ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, ଉଦଘାଟକ ଦେବାଶିଷ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସଂଘମିତ୍ରା ପ୍ରହରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ ଶୁଭସ୍ମିତା ଓଝା ଅତିଥି ପରିଚୟ, ବୈଶାଖୀ ବସ୍ତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଧୁସ୍ମିତା ଚନ୍ଦ୍ରିକା ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିକ୍ଷୟତ୍ରୀ ଶୋଭାରାଣୀ, ନୃତ୍ୟଗୁରୁ ରାକେଶ ଓ ରମେଶ ବେହେରା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# କୃମି ବଟିକା ଖାଇ ୨୦ ଛାତ୍ରଛାତ୍ରୀ ଅସୁସ୍ଥ





ନିଶ୍ଚିନ୍ତକୋଇଲି, ୧୦।୨(ସମିସ):

ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଜାତୀୟ କୃମିନାଶକ ଦିବସରେ ଛାତ୍ର ଛାତ୍ରୀମାନଙ୍କୁ ଦିଆଯାଇଥିବା କୃମିବଟିକା (ଡିଇସି)କୁ ଖାଇ ୨୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଛାତ୍ରଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାଯାଇଛି। ସାରା ରାଜ୍ୟରେ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଅଙ୍ଗନବାଡି ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୃମିନାଶକ ବଟିକା ଖାଇବା ପାଇଁ ସ୍ୱାସ୍ଥ୍ୟ କର୍ମଚାରୀମାନେ ବଣ୍ଟନ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ମୋଟ ୨୫୦ଟି ବିଦ୍ୟାଳୟରେ ୧୬୭୮୦ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ବଟିକା ଖାଇବା ପାଇଁ ଦିଆଯାଇଥିଲା। ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୩୦୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨୧ ଜଣ ଛାତ୍ର ଛାତ୍ରୀ ଏହି ବଟିକା ଖାଇଥିଲେ। ଶନିବାର ହୋଇଥିବାରୁ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ତରକାରୀ ଓ ଭାତ ଖାଇବା ପରେ ସ୍ୱାସ୍ଥ୍ୟକର୍ମୀ ଓ କେତେକ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଏହି ବଟିକା ଖାଇବାକୁ ଦେଇଥିଲେ। ବଟିକା ଖାଇବାର ଅଧଘଣ୍ଟା ପରେ ଛାତ୍ରଛାତ୍ରୀମାନଙ୍କର ମୁଣ୍ଡ ବୁଲାଇବା, ପେଟ କାମୁଡିବା ଓ ବାନ୍ତି ହେବାକୁ ଲାଗିଲା। ଏଭଳି ଅସୁସ୍ଥତା ଅନୁଭବ କରି କେତେକ ଛାତ୍ରଛାତ୍ରୀ ସଂଜ୍ଞାହୀନ ମଧ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, ଅସୁରେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଚରଣ ଦାସ, ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ହରେକୃଷ୍ଣ ସେଠୀଙ୍କ ସମେତ ବହୁ ନେତୃବୃନ୍ଦ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ଦେଖିଥିଲେ। ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଅବସ୍ଥା କୌଣସି ଗୁରୁତର ନ ଥିବା ମୁଖ୍ୟଚିକିତ୍ସା ଅଧିକାରୀଙ୍କ ଅମିତ ଜେନା ପ୍ରକାଶ କରିଛନ୍ତି।

